ଏପିସୋଡ ୩

# ଜଳବାୟୁ ପରିବର୍ତ୍ତନ ପାଇଁ କାରକ

ମୂଳ ରଚନା: ନେହା ତ୍ରିପାଠୀ

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର

| | |
|---|---|
| ସୁମିତ | ୧୧ ବର୍ଷର ବାଳକ |
| ମନିଷା | ୮ ବର୍ଷର ଝିଅ (ସୁମିତର ଭଉଣୀ) |
| ସରଳା | ମା (୩୫ ବର୍ଷ) |
| ରାଜୀବ | ବିଜ୍ଞାନ ଶିକ୍ଷକ (୨୮ ବର୍ଷ) |
| ଡ. ସରୋଜ | ପରିବେଶ ବିଜ୍ଞାନୀ (୪୦ ବର୍ଷ) |

(ଶ୍ରେଣୀ ଭିତରେ ପିଲାମାନଙ୍କ ପାଟି ଶୁଣାଯାଉଛି)

(ବିଜୁଳି ଘଡ଼ଘଡ଼ି ଶବ୍ଦ, ଜୋର ବର୍ଷା, ଲୋକମାନେ ପାଟି କରୁଛନ୍ତି)

ମନିଷା: ଆମ ସ୍କୁଲ ସବୁଠାରୁ ଭଲ... ଏଠି ଆମକୁ ସିନେମା ଦେଖାଉଛନ୍ତି... ସେଥିପାଇଁ ଆମେ ଅନେକ ଜିନିଷ ଭଲଭାବରେ ବୁଝିପାରୁଛୁ... ଏବେ ଆମକୁ ଜଳବାୟୁ ପରିବର୍ତ୍ତନ ଉପରେ ସିନେମା ଦେଖାଗଲା, ମତେ ତ ବହୁତ ଭଲ ଲାଗିଲା।

ସୁମିତ: ହଁ... ଏଥିରେ ତ ବହୁତ ବିପର୍ଯ୍ୟୟ ଦେଖାଯାଇଛି... ମଜା କେମିତି

ଲାଗିଲା...

ରାଜୀବ: ବାସ୍ତବରେ ଏହି ବିପର୍ଯ୍ୟୟ ହେଉଛି ପ୍ରତିକ୍ରିୟା...

ସୁମିତ: ପ୍ରତିକ୍ରିୟା ମାନେ କ'ଣ ସାର୍?

(ସ୍କୁଲ ଘଣ୍ଟି ବାଜିଲା)

ରାଜୀବ: ଏ ବିଷୟରେ ଆମେ ଆସନ୍ତା କ୍ଲାସରେ କଥା ହେବା ... କାଲି ତ ଛୁଟି, ତମେମାନେ ଏଇ ସିନେମା ବିଷୟରେ ନିଜ ନିଜର ଅଭିଜ୍ଞତା ଲେଖିକି ଆଣିବ। ଆଉ ତମମାନଙ୍କ ମନରେ ଯେତେ ବି ପ୍ରଶ୍ନ ରହିଛି ... ସେସବୁର ଉତ୍ତର ଆମେ ଆସନ୍ତା କ୍ଲାସରେ ଆଲୋଚନା କରିବା।

ସୁମିତ: ହଁ ସାର୍...

ମନିଷା: ନମସ୍କାର ସାର୍।

(ପିଲାମାନେ ନିଜ ନିଜ ସାଙ୍ଗଙ୍କୁ ବାଏ କହୁଛନ୍ତି, ସ୍କୁଲ ବସ୍‌ର ହର୍ଣ୍ଣ ବାଜୁଛି)

(ସୁମିତ ହଠାତ ଉଠିଯାଉଛି)

ମନିଷା: ଆରେ କ'ଣ ହେଲା? ତୁ କ'ଣ ବସ୍‌ରେ ଶୋଇ ପଡ଼ିଥିଲୁ? ତୋ ମୁଣ୍ଡରେ କ'ଣ ଚାଲିଛି?

ସୁମିତ: ତୋର ମନେଅଛି ରାଜୀବ ସାର୍ ଆମକୁ ଜଳବାୟୁ ପରିବର୍ତ୍ତନ ଉପରେ କ'ଣ କହିଥିଲେ... ଆଉ ଯୋଉ ସିନେମା ଦେଖାଇଥିଲେ ସେଥିରେ କ 'ଣ ଦେଖିଥିଲେ...

ମନିଷା: ହଁ... ମନେଅଛି... କିନ୍ତୁ ସେଇଟା ତ ଗୋଟିଏ ସିନେମା ଥିଲା। ତା ବିଷୟରେ ଏତେ ଭାବିବା କ'ଣ ଦରକାର?

ସୁମିତ: ନା, ସେଇଟା କେବଳ ଗୋଟିଏ ସିନେମା ନ ଥିଲା। ମନେଅଛି, ସାର୍ କ'ଣ

କହିଥିଲେ - ଏହା ଗୋଟିଏ ପ୍ରତିକ୍ରିୟା... ଆଗକୁ ଆସୁଥିବା ବିପଦର ପାଦଶବ୍ଦ... ମୁଁ ଏବେ ଏବେ ଗୋଟିଏ ସ୍ୱପ୍ନ ଦେଖିଲି ... ଜଲ୍‌ଦି ମୋର ଘରେ ପହଞ୍ଚିବା ଦରକାର।

ମନିଷା: ହେଇ ତ ଆମ ଘର ଆସିଗଲା...

(ମନିଷା ଆଉ ସୁମିତ ବସ୍‌ରୁ ଓହ୍ଲଉଛନ୍ତି, ସାଙ୍ଗଙ୍କୁ ବାଏ କହୁଛନ୍ତି, ଘରର ଘଣ୍ଟି ବାଜୁଛି)

ଦୃଶ୍ୟ ପରିବର୍ତ୍ତନ

(ଦୁଆର ଖୋଲିବାର ଶବ୍ଦ)

ସରଳା: ଆରେ ପିଲାମାନେ ଆସିଗଲ ... କ'ଣ ଖବର? ଆଜି ଦିନ କେମିତି କଟିଲା?

(ସୁମିତ ସିଧା ନିଜ କୋଠରୀକୁ ଚାଲିଯାଉଛି ଏବଂ ଜୋରରେ ଦୁଆର ବନ୍ଦ କରିଦେଉଛି)

ସରଳା: ଆରେ ୟାର କ'ଣ ହେଲା?

ମନିଷା: ମା, ଆଜି ମାସର ଚତୁର୍ଥ ଶନିବାର। ସବୁଥର ଭଳି ଏଥର ବି ଆମକୁ ସ୍କୁଲରେ ସିନେମା ଦେଖେଇଲେ। ସିନେମାରେ ପୃଥିବୀ ଆଉ ପରିବେଶ ଉପରେ ଅନେକ ତଥ୍ୟ ଥିଲା ... ଆଉ ବହୁତ ଗୁଡ଼ିଏ କାର୍ଯ୍ୟକ୍ରମ... ସିନେମା ଦେଖିବା ପରଠାରୁ ଭାଇ ବହୁତ ଅଜବ ବ୍ୟବହାର କରୁଛି... ସେ ତ ଆଜି ବସ୍‌ରେ ଶୋଇ ପଡ଼ିଥିଲା...

ସୁମିତ: (ଭିତରୁ ଜୋରରେ ଚିତ୍କାର କରି) ମା ମୁଁ ବସ୍‌ରେ ଗୋଟିଏ ଅଜବ ସ୍ୱପ୍ନ ଦେଖିଲି...

ସରଳା: ଅଜବ ସିନେମା... ଭୂତ ଦେଖିଲୁ କି?

ସୁମିତ: (ଭିତରୁ) ତା ଠାରୁ ବି ଭୟଙ୍କର...

ସରଳା: କ'ଣ?

ସୁମିତ: (ପଶୁ ପଶୁ) ମା, ମତେ ବସ୍‌ରେ ନିଦ ଲାଗିଗଲା ... ମୁଁ ଗୋଟିଏ ସ୍ୱପ୍ନ ଦେଖିଲି.. ମୁଁ ଦେଖିଲି ଗଛ କାନ୍ଦୁଛି... ତଳେ ପଡ଼ିଯାଉଛି... କଷ୍ଟରେ ବିକଳ ହେଉଛି... ମୁଁ ଦେଖିଲି ପୃଥିବୀ ଫାଟି ଯାଇଛି... ପୃଥିବୀ ଭିତରୁ ହଳଦିଆ ଆଲୁଅ ବାହାରୁଛି... ଆହୁରି ବି ଅନେକ କିଛି ହେଉଥିଲା... ଅନେକ କଥା ତ ମୁଁ ବୁଝି ବି ପାରୁ ନ ଥିଲି। ଗଛ ସବୁ ପୃଥିବୀ ଭିତରେ ଖସି ପଡୁଥିଲା... ଲୋକମାନେ ବି ଖସି ପଡୁଥିଲେ... ମୁଁ ତ ଏମିତି ବିପର୍ଯ୍ୟୟ କେବେ ଭାବି ବି ପାରୁନାହିଁ... ଏହା ପରେ ମୁଁ ଗୋଟିଏ ବହୁତ ବଡ଼ ବରଫଖଣ୍ଡ ଦେଖିଲି ଆଉ ଦେଖିଲି ଯେ ତାହା ଦ୍ରୁତ ଗତିରେ ତରଳି ଯାଉଛି। ଆଉ ହଠାତ ମୁଁ ସେଇ ଥଣ୍ଡା ବରଫ ପାଣିରେ ବୁଡ଼ିଯାଉଛି। ମୋର ନିଶ୍ୱାସ ବନ୍ଦ ହୋଇଯାଉଛି .. ତା'ପରେ ମୋ ନିଦ ଭାଙ୍ଗିଗଲା...

ସରଳା: ତୁ ଏମିତି ସ୍ୱପ୍ନ କାହିଁକି ଦେଖିଲୁ?

ମନିଷା: ମା, ଆଜି ଆମେ ସ୍କୁଲରୁ ଫେରିବା ବାଟରେ ଭାଇ ଆଉ ତା ସାଙ୍ଗ ରାଘବ ପୃଥିବୀ ଆଉ ଜଳବାୟୁକୁ ନେଇ କଥା ହେଉଥିଲେ...

ସୁମିତ: ହଁ ମା, ଆଜି କ୍ଲାସରେ ସାର୍ ଆମକୁ ପୃଥିବୀର ବିଭିନ୍ନ ମଣ୍ଡଳ ବିଷୟରେ କହୁଥିଲେ... ଯେପରି ବାୟୁମଣ୍ଡଳ, ଜଳମଣ୍ଡଳ ସ୍ଥଳମଣ୍ଡଳ, ହିମମଣ୍ଡଳ ଏବଂ ଜୀବମଣ୍ଡଳ...ଆମକୁ ସିନେମା ବି ଦେଖାଇଥିଲେ। ତା'ପରେ କହିଲେ ଏ ବିଷୟରେ ଅଧିକ କଥା ତୁମ ବାପା ମାଙ୍କ ଠାରୁ ବୁଝିପାରିବ।

ମନିଷା: ଏଥିରେ ବଡ଼ କଥା କ 'ଣ ଭାଇ... ଏ ବିଷୟରେ ତ ଆମକୁ ବି କୁହାଯାଇଛି...

ସୁମିତ: ହଁ ତତେ ତ ସବୁକଥା ଜଣା... କିନ୍ତୁ ଅଳ୍ପ ଅଳ୍ପ... ତୁ ଏବେ ଛୋଟ ଅଛୁ... ମୁଁ ବଡ଼...ମତେ ସାର୍ ଅଧିକ କଥା କହିଛନ୍ତି... ମା କୁହ ତ

ସରଳା: ମୁଁ ବୁଝୁଛି.. ତୋ ଚିନ୍ତା ବି ମୁଁ ବୁଝିପାରୁଛି... ତୁ ଏବେ ଛୋଟ ପିଲା ଅଛୁ... ଏଭଳି ପ୍ରଶ୍ନ ତୋ ମନରେ ଉଠିବା ସ୍ୱାଭାବିକ ... ଆଚ୍ଛା କହିଲୁ... ରାଜୀବ ତମ ବିଜ୍ଞାନ ସାର୍ ନା?

ସୁମିତ: ହଁ ମା।

ମନିଷା: ଏବେ ତମେମାନେ ଟିକେ ପାଟି ଚୁପ କର। ମୁଁ ଟିଭି ଦେଖିବି।

ସରଳା: ଠିକ ଅଛି ମନିଷା. ତୁ ଟିଭି ଦେଖ, ମୁଁ ସୁମିତ ସହ ଏ ବିଷୟରେ କଥା ହେବାପାଇଁ ଯାଉଛି...

ସୁମିତ: ମା, ମୋ କଥା ଶୁଣ...ସିନେମାରେ ବଡ଼ ବଡ଼ ବରଫ ଚଟାଣ ତରଳୁଥିଲା। ଏହାର କାରଣ କୁହାଗଲା ଯେ ପୃଥିବୀର ତାପମାତ୍ରା ବଢୁଛି। ବରଫ ତରଳିବା ଯୋଗୁ ସମୁଦ୍ରର ପତନ ବି ବଢୁଛି। ସେଥିପାଇଁ ବନ୍ୟା ଆସୁଛି... ଓ ମୃତ୍ତିକାକ୍ଷୟ ହେଉଛି। ଏକାସାଙ୍ଗରେ ଏତେ କଥା ଦେଖି କି ମୋ ମୁଣ୍ଡ ଚକର ଖାଇଗଲା। ମୋ ମନରେ ଏତେ ପ୍ରଶ୍ନ ଉଠୁଥିଲା , କିନ୍ତୁ ରାଜୀବ ସାର୍ କହିଲେ ଆସନ୍ତା କ୍ଲାସରେ ସେ ଆମ ସହ ଆଲୋଚନା କରିବେ।

ସରଳା: କ' ହେଲା ସେଇଠୁ... ଆଚ୍ଛା, ଏଇ ଅଳ୍ପଦିନ ତଳେ ତୁ ବାପାଙ୍କ ସହ ଟିଭିରେ ସମାଚାର ଦେଖିଥିଲୁ ନା... କେରଳରେ ଯେଉଁ ବନ୍ୟା ଆସିଥିଲା...ଠିକ ସେହିଭଳି ପରିସ୍ଥିତି ୨୦୦୫ ମସିହାରେ ବମ୍ବେରେ ହୋଇଥିଲା । ୨୦୧୦ ମସିହାରେ ଲେହ, ୨୦୧୩ ମସିହାରେ ଉତ୍ତରାଖଣ୍ଡ, ୨୦୧୪ ମସିହାରେ ଜମ୍ମୁ କାଶ୍ମୀର, ୨୦୧୫ ମସିହାରେ ଚେନ୍ନାଇ ଏବଂ ୨୦୧୭ ମସିହାରେ ସୌରାଷ୍ଟ୍ରରେ ବି ସେହିଭଳି ପରିସ୍ଥିତି ହୋଇଥିଲା।

ସୁମିତ: କିନ୍ତୁ ଏଭଳି କାହିଁକି ହେଉଛି ମା? ଏଭଳି ବନ୍ୟାର କାରଣ କ'ଣ ହୋଇପାରେ?

ସରଳା: ମୋ ପାଖରେ ଗୋଟିଏ ଖବରକାଗଜ ସମ୍ବାଦ ଅଛି, କାଟି କି ରଖିଛି ଦେଖଉଛି।

(ଆଲମାରୀ ଖୋଲିବା ଏବଂ ସରଳା କିଛି ବାହାର କରିବାର ଶବ୍ଦ)

ସରଳା: ଏଥିରେ ଲେଖାହୋଇଛି... କେରଳରେ ତିନିଟି ମୁଖ୍ୟ ପରିବର୍ତ୍ତନ ସ୍ପଷ୍ଟ ଦେଖାଯାଉଛି। ପ୍ରଥମ କେରଳ ଚାରିଲକ୍ଷ ହେକ୍ଟର ପ୍ରାକୃତିକ ଜଙ୍ଗଲ, ୨.୫ ଲକ୍ଷ ହେକ୍ଟର ଆର୍ଦ୍ରଭୂମି କୃଷି, ବୃକ୍ଷରୋପଣ ଏବଂ ମୌଳିକ ବିକାଶ ପାଇଁ ହରେଇ ସାରିଛି। ଦ୍ୱିତୀୟରେ ଗତ ପଚାଶ ବର୍ଷ ଭିତରେ ଅଣକୃଷି ପାଇଁ ବ୍ୟବହାର ହୋଇଥିବା ଜମିର ପରିମାଣ ଦୁଇଗୁଣ ହୋଇଯାଇଛି... ଗତ ଦଶବର୍ଷ ଭିତରେ ହିଁ ପ୍ରାୟ ୭୦ ହଜାର ହେକ୍ଟର ଜମି ବାସଗୃହ ଏବଂ ଅନ୍ୟ କୋଠାବାଡ଼ି ପାଇଁ ବ୍ୟବହାର ହୋଇଛି। ତୃତୀୟରେ ପାରମ୍ପରିକ ଶସ୍ୟ ବଦଳରେ ଏବଂ ରବର ଚାଷ ଏବଂ ଅନ୍ୟ ଅର୍ଥକରୀ ଫସଲ ଅଧିକ ହେଉଛି। ଏଭଳି ଚରମ ପରିବର୍ତ୍ତନ ଜଳ ଅବବାହିକାକୁ ନଷ୍ଟ କରିଦେଇଛି, ବର୍ଷାଜଳ ପ୍ରବାହକୁ ବାଧା ଦେଉଛି ଏବଂ ପାଣି ଶୋଷି ନେବାପାଇଁ ଭୂମିର ଜଳଧାରଣ କ୍ଷମତା କମିଯାଇଛି। ଏସବୁ କାରକ ଏଭଳି ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି କରିବା ପାଇଁ ଦାୟୀ।

ସୁମିତ: ସେ ତ ଠିକ ଅଛି... କିନ୍ତୁ ଏମିତି କାହିଁକି କରାଗଲା?

ସରଳା: ଏକଥା ବୁଝିବା ଟିକିଏ କଷ୍ଟ... ଆଉ ଟିକିଏ ବୈଷୟିକ ବି... ବୁଝିବା ପାଇଁ ମୁଁ ତତେ ସାହାଯ୍ୟ କରିବି... କିନ୍ତୁ ଆଗ ଖାଇ ନେ। ତା'ପରେ ପାଠ ବି ସାରିଦେ। ଜଳବାୟୁ ପରିବର୍ତ୍ତନ ଉପରେ ଆଜି ଯାହା ପଢ଼ାହୋଇଛି ତାକୁ ଆଉ ଥରେ ପଢ଼େ... ପ୍ରଶ୍ନ ସବୁ ଏକାଠି କରି ତାଲିକା କରେ... ତା'ପରେ ସେ ପ୍ରଶ୍ନ ସବୁର ଉତ୍ତର ଖୋଜିବାରେ ମୁଁ ତତେ ସାହାଯ୍ୟ କରିବି।

ସୁମିତ: ଠିକ ଅଛି ମା।

ସରଳା: କାଲି ରବିବାର, ଏଥର ରବିବାର ତୋ ପାଇଁ ଅନେକ ନୂଆ ନୂଆ ତଥ୍ୟ ନେଇ ଆସିବ।

(ଦୃଶ୍ୟ ପରିବର୍ତ୍ତନ, ପକ୍ଷୀ ରାବୁଛନ୍ତି)

ସରଳା: ଆସ ଜଳଖିଆ ତିଆରି ହୋଇଗଲା। ଆରେ ପିଲାମାନେ ତ ଏବେ ବି ଶୋଇଛନ୍ତି... କାଲି ବହୁତ ଚିନ୍ତାରେ ଥିଲେ... ମୁଁ ରାଜୀବ ସାର୍‌ଙ୍କୁ ଫୋନ କରୁଛି...

(ଫୋନ ଘଣ୍ଟି ସ୍ୱର)

ରାଜୀବ: ହ୍ୟାଲୋ...

ସରଳା: (ଫୋନରେ) ହ୍ୟାଲୋ, ରାଜୀବ ସାର୍ କହୁଛନ୍ତି...

ରାଜୀବ: ହଁ କହୁଛି...

ସରଳା: ସାର୍ ମୁଁ ଆପଣଙ୍କ ଛାତ୍ର ସୁମିତର ମା କହୁଛି...

ରାଜୀବ: ନମସ୍କାର... କେମିତି ଅଛନ୍ତି?

ସରଳା: ଆଜ୍ଞା ମୁଁ ଭଲ ଅଛି... ମୁଁ ଆପଣଙ୍କୁ ଆମ ଘରେ ଜଳଖିଆ ଖାଇବା ପାଇଁ ଡାକିବାକୁ ଚାହୁଁଛି।

ରାଜୀବ: ହଠାତ... କ'ଣ କିଛି ସ୍ୱତନ୍ତ୍ର ଅଛି?

ସରଳା: ଆପଣ ଆସନ୍ତୁ ତ ଆଗ... ମୁଁ ଆପଣଙ୍କୁ ସବୁ କଥା କହିବି...

ରାଜୀବ: ଠିକ ଅଛି, ମୁଁ ଆସୁଛି... ଏମିତିରେ ବି ମୁଁ ଆପଣଙ୍କ ପାଖରେ ହିଁ ରହୁଛୁ... ଶୀଘ୍ର ପହଞ୍ଚିବି... ଆପଣଙ୍କ ଜଳଖିଆର ବାସ୍ନା ଆମ ଘର ଯାଏଁ ପହଞ୍ଚିଲାଣି (ହସି ହସି) ଅଧଘଣ୍ଟା ଭିତରେ ପହଞ୍ଚିବି...

ସରଳା: ବହୁତ ଭଲ ହେବ।

(ଦୃଶ୍ୟ ପରିବର୍ତ୍ତନ)

ଦୁଆର ଖଟ ଖଟ ଶବ୍ଦ

ସରଳା: ପିଲାମାନେ ଜଲ୍‌ଦି ଉଠ... ତମମାନଙ୍କ ସହ ଭେଟିବାକୁ କିଏ ଜଣେ ଆସିଲେଣି।

ସୁମିତ/ମନିଷା: ଆମେ ଉଠି ସାରିଲୁଣି, ଖାଲି ପ୍ରସ୍ତୁତ ହୋଇ ଆସୁଛି...

(ଦୁଆର ଖୋଲିବା ଶବ୍ଦ)

ସରଳା: ଜଳଖିଆ ଖାଇବା ପାଇଁ ଆସିଯାଅ। ଆଉ ଜଣେ ବିଶିଷ୍ଟ ଅତିଥିଙ୍କ ସହ ଭେଟିବାକୁ ବି। ବହୁତ ମଜା ହେବ...

ମନିଷା: ମା, ଜଳଖିଆ ପାଇଁ କ'ଣ ତିଆରି କରିଛ?

ସରଳା: ଜଲ୍‌ଦି ପ୍ରସ୍ତୁତ ହୋଇ ଆସି ଯା, ନିଜେ ଦେଖ କ'ଣ ଅଛି...

(ଦୃଶ୍ୟ ପରିବର୍ତ୍ତନ)

(ସମସ୍ତେ ଖାଇବାକୁ ବସିଛନ୍ତି, ରାଜୀବ ଆସିଛନ୍ତି)

ରାଜୀବ: ନମସ୍କାର ଆଜ୍ଞା।

ସୁମିତ: ନମସ୍କାର ସାର୍ ଆପଣ ଆମ ଘରେ! ଏମିତି ହଠାତ!! ବହୁତ ଭଲ ହେଲା...

ରାଜୀବ: ତମ ମା ହିଁ ତ ମତେ ଡାକିଛନ୍ତି...

ମନିଷା: ନମସ୍କାର ସାର୍। ମା ଆପଣଙ୍କୁ ଡାକିଛନ୍ତି?

ସରଳା: ହଁ ମୁଁ ଡାକିଛି। ଆସନ୍ତୁ ସାର୍। ବସନ୍ତୁ। ଜଳଖିଆ ପ୍ରସ୍ତୁତ। ଚାଲନ୍ତୁ ଆରମ୍ଭ କରିବା।

ରାଜୀବ: ଏବେ ମତେ କୁହନ୍ତୁ ତ କଥା କ'ଣ? ଆପଣ ମତେ ହଠାତ କାହିଁକି ଏମିତି ଡାକିଲେ?

ସରଳା: କଥା କ'ଣ କି ସୁମିତ କାଲିଠାରୁ ବହୁତ ଚିନ୍ତିତ ଅଛି। ଯେବେଠାରୁ ସ୍କୁଲରେ ସେ ସିନେମା ଦେଖି ଆସିଛି, କେବଳ ସେଇ ବିଷୟରେ ହିଁ କଥା କହୁଛି...

ମନିଷା: ହଁ ସାର୍, କାଲି ବସ୍‌ରେ ଭାଇ ଗୋଟିଏ ସ୍ୱପ୍ନ ବି ଦେଖିଥିଲା...

ରାଜୀବ: କି ସ୍ୱପ୍ନ?

ସୁମିତ: ସାର୍, ମୁଁ ଦେଖିଲି ଯେ ଗଛ ଆଉ ମଣିଷ ସମସ୍ତେ ପୃଥିବୀ ଭିତରକୁ ଗଳି ପଡୁଛନ୍ତି। ବରଫ ଚଟାଣ ସବୁ ତରଳି ଯାଉଛି। ଆଉ ମୁଁ ସେଇ ଥଣ୍ଡା ପାଣିରେ ବୁଡ଼ିଯାଉଛି... ମତେ ବହୁତ ଡର ଲାଗିଥିଲା... ସତରେ କ'ଣ ଏମିତି ହେବ?

ରାଜୀବ: ପିଲାମାନଙ୍କ ମନ ବି କେତେ ଦ୍ରୁତ ଗତିରେ ଚାଲେ... ମୁଁ ମାନୁଛି ପରିସ୍ଥିତି ବହୁତ ଖରାପ... କିନ୍ତୁ ଚିନ୍ତା କଲେ ବା ଡରିଲେ କିଛି ହେବନାହିଁ... ପ୍ରଥମେ ତମକୁ ସବୁ ଜିନିଷ ଭଲଭାବରେ ବୁଝିବା ଦରକାର। ସମସ୍ୟାର ମୂଳ ଯାଏଁ ପହଞ୍ଚିବାକୁ ହେବ।

ସରଳା: ସମସ୍ତେ ଖାଇ ସାରିଲଣି। ଚାଲ ଏବେ ସେ ଘରେ ବସିବା।

ମନିଷା: ମୁଁ ସାର୍‌ଙ୍କୁ ମୋ କୋଠରୀକୁ ନେଇ ଯାଉଛି। ଆସନ୍ତୁ ସାର୍... ଏଇପଟେ ଆସନ୍ତୁ।

ରାଜୀବ: ହଉ, ଚାଲ ତମ କୋଠରୀ ଦେଖିବା।

ମନିଷା: ଆରେ ମା, ଏତେ ବଡ଼ ଏ ନକ୍ସା କ'ଣ?

ସରଳା: ଏ ନକ୍ସା ବିଷୟରେ ତମକୁ ସାର୍ କହିବେ ଆଉ ଯା ସାହାଯ୍ୟରେ ସେ ତମକୁ ବହୁତ କଥା କହିବେ। ତମେମାନେ ଚୁପଚାପ ସାର୍‌ଙ୍କ କଥା ଶୁଣ।

ସୁମିତ: କିନ୍ତୁ ମା, ସାର୍‌ଙ୍କୁ ପଚାରିବା ପାଇଁ ମୋର ତ ଅନେକ ପ୍ରଶ୍ନ ଅଛି। ମୁଁ ତ ଲମ୍ବା ତାଲିକା ପ୍ରସ୍ତୁତ କରିଛି।

ମନିଷା: ଆମେ ପ୍ରଶ୍ନ ପଚାରିବା ଭାଇ, କିନ୍ତୁ ଆଗ ସାର୍ କ'ଣ କହୁଛନ୍ତି ଶୁଣିବା।

ରାଜୀବ: ବହୁତ ବଢ଼ିଆ ମନିଷା। ଆଚ୍ଛା କହିଲ ଦେଖି ଏ ନକ୍ସା ଦେଖି ତମେ କ'ଣ ବୁଝିପାରୁଛ...

ସୁମିତ:/ମନିଷା: (ଏକା ସାଙ୍ଗରେ) ଏ ତ ଆମ ପୃଥିବୀ... ଏଠି କେତେ ନୀଳ ଦେଖାଯାଉଛି...

ରାଜୀବ: ସୁନ୍ଦର ଦେଖାଯାଉଛି ନା? ପୂରାପୂରି ନୀଳ ଦେଖାଯାଉଛି କାରଣ ସବୁଆଡ଼େ ଖାଲି ପାଣି ଆଉ ପାଣି, ଜାଣିଛ ପିଲାମାନେ ପୃଥିବୀର ସତୁରୀ ଭାଗରୁ ଅଧିକ ଅଞ୍ଚଳ ପାଣି... ପୃଥିବୀର ଯେଉଁ ଅଞ୍ଚଳରେ ପାଣି ରହିଛି ତାକୁ ଜଳମଣ୍ଡଳ କୁହାଯାଏ। ଜଳମଣ୍ଡଳ ଅର୍ଥ ହେଉଛି ଗ୍ରହରେ ମହାସାଗର, ସମୁଦ୍ର, ନଈ, ଝରଣା, ନାଳ, ଭୂତଳ ଜଳ ବା ଜଳୀୟବାଷ୍ପ ରୂପରେ ମହଜୁଦ ଥିବା ସବୁ

ପାଣି...

ସୁମିତ: ପୃଥିବୀକୁ ପାଞ୍ଚ ଭାଗ କରାଯାଇପାରେ... ପାଣି ଅର୍ଥାତ ଜଳମଣ୍ଡଳ, ଏହାଛଡ଼ା ଭୂମି ବା ସ୍ଥଳମଣ୍ଡଳ, ଜୀବନ୍ତ ପ୍ରାଣିଙ୍କୁ ମିଶାଇ ଜୀବମଣ୍ଡଳ ଏବଂ ବାୟୁ ଅର୍ଥାତ ବାୟୁମଣ୍ଡଳ... ଏକଥା ତ ମୁଁ ଜାଣିଛି ସାର୍...ଆଉ ଗୋଟିଏ ବି କ'ଣ ରହିଛି

ରାଜୀବ: ହଁ ଆଉ ଗୋଟିଏ ରହିଛି... ବରଫରେ ତିଆରି ହିମମଣ୍ଡଳ। ଜଳମଣ୍ଡଳ ଭଳି ହିମମଣ୍ଡଳ ବି ପାଣିରେ ହିଁ ତିଆରି ହୋଇଥାଏ, କିନ୍ତୁ ତଫାତ ହେଉଛି ଏଠି ପାଣି ବରଫ ରୂପରେ ଥାଏ। ପୃଥିବୀର ଅନେକ ଅଞ୍ଚଳରେ ବରଫ ଜମି ରହିଛି। କିନ୍ତୁ ମୁଖ୍ୟତଃ ପୃଥିବୀର ଉତ୍ତର ମେରୁ ଅଞ୍ଚଳରେ ଆର୍କଟିକ୍ ଏବଂ ଦକ୍ଷିଣ ମେରୁ ପାଖ ଆଣ୍ଟାର୍କଟିକା ଅଞ୍ଚଳରେ।

ସୁମିତ: ତାହେଲେ ଏଇ ବରଫକୁ ତରଳିବା ମୁଁ ଦେଖିଛି ବୋଧେ। ସାର୍, ଏ ସାରା ବରଫ ତରଳିଗଲେ କ'ଣ ଆମକୁ ବୁଡ଼େଇଦେବ?

ରାଜୀବ: ହଁ ନିଶ୍ଚୟ। ପୃଥିବୀରେ ବରଫ ରୂପରେ ଏତେ ପାଣି ଅଛି ଯେ ଯଦି ସବୁ ବରଫ ତରଳି ଯିବ ତାହେଲେ ପୃଥିବୀ ବୁଡ଼ିଯିବ। କିନ୍ତୁ ହିମମଣ୍ଡଳ ଗୋଟିଏ ପ୍ରତିଫଳିତ କମ୍ବଳ ଭଳି, ଯାହା ପୃଥିବୀକୁ ଅଧିକ ଗରମ ହେବାରୁ ରକ୍ଷା କରେ। ବାସ୍ତବରେ ପାଣି ବା ମାଟି ତୁଳନାରେ ବରଫ ସୂର୍ଯ୍ୟ କିରଣକୁ ଅଧିକ ପ୍ରତିଫଳିତ କରିଥାଏ। ବରଫର ଉପସ୍ଥିତି ବା ଅନୁପସ୍ଥିତି ପୃଥିବୀ ପୃଷ୍ଠ ଗରମ ବା ଥଣ୍ଡା ହେବାକୁ ପ୍ରଭାବିତ କରିଥାଏ। ଫଳରେ ପୂରା ଗ୍ରହର ଶକ୍ତି ସନ୍ତୁଳନ ଉପରେ ପ୍ରଭାବ ପଡ଼ିଥାଏ।

ମନିଷା: ସତରେ ଏମିତି ହୁଏ!! ଆରେ ବାଃ ପୃଥିବୀ ବିଷୟରେ କେତେ କଥା ଅଛି, ଆମେ କେତେ କମ୍ ଜାଣିଛୁ!!

ରାଜୀବ: ହଁ, ଆଉ ମୁଁ ବୁଝିପାରୁଛି ଯେ ସବୁ କିଛି ଜାଣିବାର କେତେ ଆଗ୍ରହ ତମମାନଙ୍କ ମନରେ ଅଛି । ଚାଲ ଏବେ ବାହାରକୁ ଯିବା। ଆମେ ପ୍ରକୃତି

ବିଷୟରେ କଥା ହେବା ତ ତା ପାଖକୁ ଯାଇ କରିବା।

(ଦୃଶ୍ୟ ପରିବର୍ତ୍ତନ)

(ପାର୍କର ଦୃଶ୍ୟ, ପକ୍ଷୀ ରାବୁଛନ୍ତି, କିଛି ଲୋକ କଥା ହେଉଛନ୍ତି)

ରାଜୀବ: ପିଲାମାନେ, ଏଠି ପାର୍କରେ କିଛି ମାଟି ହାତରେ ଉଠାଅ । ଆଉ ତାକୁ ଅନୁଭବ କରିବାକୁ ଚେଷ୍ଟା କର।

ସୁମିତ: ସାର୍ ଏତ ପ୍ରସ୍ତରମଣ୍ଡଳର ଅଂଶ ନା। ଏଇ ଦେଖନ୍ତୁ, ମାଟି ସହିତ କିଛି ଛୋଟ ପଥର ଟୁକୁଡ଼ା, ଗଛର ଅବଶେଷ ଏବଂ ଆଉ କିଛି ବି ଅଛି...

ମନିଷା: ମୋ ହାତରେ ବି ପଥର, ଶୁଖିଲା ପତ୍ର ଆଉ ମାଟି ଅଛି...

ରାଜୀବ: ବଢ଼ିଆ। ଏସବୁ ତମକୁ ବୁଝେଇବାକୁ ଥିଲା ଯେ ପ୍ରସ୍ତର ମଣ୍ଡଳ ପୃଥିବୀ ପୃଷ୍ଠରେ ସମସ୍ତ କଠିନ ବସ୍ତୁରେ ତିଆରି। ପୃଥିବୀର ଉପର ପୃଷ୍ଠ ତଳେ ଅର୍ଦ୍ଧକଠିନ ସ୍ତର ରହିଛି। ପୃଥିବୀର ଭିତର ଅଂଶରେ ତରଳ ପଦାର୍ଥ ରହିଛି। ପ୍ରସ୍ତରମଣ୍ଡଳର ଉପରଭାଗ ଆବଡ଼ାଖାବଡ଼ା... ଏଥିରେ ପାହାଡ଼, ଖାଇ, ବିରାଟ ପଡ଼ିଆ, ଉପତ୍ୟକା ଆଦି ରହିଛି। ଏହା ସହିତ ଜୀବନ ଧାରଣ ପାଇଁ ଆବଶ୍ୟକ ସମସ୍ତ ଖଣିଜ ଏଠାରେ ରହିଛି। ପ୍ରସ୍ତରମଣ୍ଡଳର ପ୍ରକୃତ ମୋଟେଇ ଅଲଗା ହୋଇଥାଏ, ପ୍ରାୟ ୪୦କିମିରୁ ଆରମ୍ଭ କରି ୨୮୦ କିମି ଯାଏଁ ହୋଇଥାଏ।

ସୁମିତ: କିନ୍ତୁ ସାର୍ ପ୍ରସ୍ତରମଣ୍ଡଳ ଆଉ ଜଳମଣ୍ଡଳ ଭିତରୁ କେଉଁଟି ଅଧିକ ଜରୁରୀ...

ରାଜୀବ: (ହସି ହସି) ତମେ କୁହ... କେଉଁଟି ଅଧିକ ଜରୁରୀ... ଯେଉଁ ପାଣି ତମେ ପିଉଛ ନା ଯେଉଁ ମାଟି ଉପରେ ତମେ ଠିଆ ହୋଇଛ?

ସୁମିତ: (କିଛି ସମୟ ଭାବି) ଦୁଇଟି ଯାକ ଜରୁରୀ।

ରାଜୀବ: ଏଭଳି ଆଉ କିଛି ଜିନିଷ ବି ଅଛି...ଏହିଭଳି ଆଉ ଗୋଟିଏ ମଣ୍ଡଳ ଅଛି ଯାହାକୁ ଆମେ ଦେଖିପାରେ ନାହିଁ କିନ୍ତୁ ତା ବିନା ଦୁଇ ମିନିଟରୁ ଅଧିକ ସମୟ ରହିବା ଅସମ୍ଭବ...

ମନିଷା: (ମଝିରେ କହିଉଠୁଛି) ସାର୍ ବାୟୁ... ଆମେ ବାୟୁକୁ ଦେଖିପାରିବା ନାହିଁ, କିନ୍ତୁ ସେ ଆମ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ।

ରାଜୀବ: ତମେ ଦୁହେଁ କିଛି ସମୟ ନିଶ୍ୱାସ ବନ୍ଦ କରିପାରିବ ? ଦେଖିବା କେତେ ସମୟ ବାୟୁ ବିନା... ମାନେ ଅମ୍ଳଜାନ ବିନା ରହିପାରିବ?

(ସୁମିତ ଓ ମନିଷା ନିଶ୍ୱାସ ଅଟକାଇବାକୁ ଚେଷ୍ଟା କରୁଛନ୍ତି) (କିଛି ସମୟ ପରେ)

ସୁମିତ: ମୁଁ ଆଉ ନିଶ୍ୱାସ ରୋକିପାରିବି ନାହିଁ...

ମନିଷା: ମୁଁ ବି...

ରାଜୀବ: ଚାଲ ଏବେ ଜୋର ନିଶ୍ୱାସ ନିଅ...

(ସୁମିତ ଆଉ ମନିଷା ଜୋର ନିଶ୍ୱାସ ନେଉଛନ୍ତି)

ସୁମିତ/ମନିଷା: ଏବେ ଭଲ ଲାଗୁଛି...

ସୁମିତ: ମତେ ତ ଲାଗିଲା ଯେ ମୁଁ ଏତେ ଗଭୀର ନିଶ୍ୱାସ କେବେ ନେଇ ନ ଥିଲି...

ରାଜୀବ: କାଲି କ୍ଲାସରେ ମୁଁ ତମମାନଙ୍କୁ ବାୟୁମଣ୍ଡଳ ବିଷୟରେ କହିଥିଲି ... କିଛି ମନେଅଛି?

ସୁମିତ: ହଁ ସାର୍, ସବୁ ମନେଅଛି। ବାୟୁମଣ୍ଡଳରେ ଯବକ୍ଷାରଜାନ ଅମ୍ଳଜାନ ଭଳି ବହୁତ ବାଷ୍ପ ରହିଛି। ଏଥିରୁ ଯବକ୍ଷାରଜାନ ହେଉଛି ଶତକଡ଼ା ୭୮ ଭାଗ, ଅମ୍ଳଜାନ ୨୧ ଭାଗ ଏବଂ ବାକି ସବୁ ବାଷ୍ପ ମାତ୍ର ୧ ଭାଗ ରହିଛି। ଯେମିତିକି ଅଙ୍ଗାରକାମ୍ ବାଷ୍ପ ମାତ୍ର ଶତକଡ଼ା ୦.୦୩୯ ଭାଗ ଏବଂ ଆର୍ଗନ ୦.୯୩ ଭାଗ ଏବଂ କ୍ରିପ୍ଟନ୍, ନିଅନ୍, ହିଲିୟମ୍, ଜିନୋନ୍ ଆଦି ଅନ୍ୟ ବାଷ୍ପ...

ମନିଷା: ଆମେ ପ୍ରଶ୍ୱାସ ନେଲା ବେଳେ ଅମ୍ଳଜାନ ଭିତରକୁ ଯାଇଥାଏ ଏବଂ ଅଙ୍ଗାରକାମ୍ଳ ବାଷ୍ପ ବାହାରକୁ ଛାଡ଼ିଥାଏ। ଠିକ ନା ସାର୍...

ସୁମିତ: ଆଚ୍ଛା... ଯେମିତି ଆମକୁ ଜଣାନାହିଁ...

ରାଜୀବ: କିଛି ଚିନ୍ତା ନାହିଁ... ବଢ଼ିଆ ମନିଷା... ତାହେଲେ ଆମେ ଏଯାଏଁ ଜଳମଣ୍ଡଳ, ହିମମଣ୍ଡଳ, ପ୍ରସ୍ତରମଣ୍ଡଳ ଏବଂ ବାୟୁମଣ୍ଡଳ ବିଷୟରେ ଜାଣିଲେ। ଆଗକୁ

ରହିଲା ଜୀବମଣ୍ଡଳ।

ମନିଷା: ମୁଁ ଜାଣିଛି ସାର୍... ଆମ ଗ୍ରହର ସମସ୍ତ ଜୀବନ୍ତ ପଦାର୍ଥକୁ ଜୀବମଣ୍ଡଳ ଭିତରେ ରଖାଯାଏ। ଏଥିରେ ଜୀବଜନ୍ତୁ, ଗଛଲତା, ପୃଥିବୀର ଅଣୁଜୀବ ଆଦି ସବୁ ସାମିଲ। ଆମେ ବି ଏହି ମଣ୍ଡଳର ଅନ୍ତର୍ଗତ...

ରାଜୀବ: ବଢ଼ିଆ କହିଲ ମନିଷା। ବାସ୍ତବରେ ଜୀବମଣ୍ଡଳ ହେଉଛି ପୃଥିବୀର ଏଭଳି ଅଞ୍ଚଳ ଯେଉଁଠି ସବୁପ୍ରକାରର ଜୀବନ ଦେଖା ଯାଇଥାଏ। ପୃଥିବୀର ତିନୋଟି ମଣ୍ଡଳ - ପ୍ରସ୍ତରମଣ୍ଡଳ, ବାୟୁମଣ୍ଡଳ ଏବଂ ଜଳମଣ୍ଡଳ, ଏତିନିଟି ଯେଉଁଠି ପରସ୍ପର ସହ ମିଶେ, ସେଠାରେ ଜୀବମଣ୍ଡଳ ରହିଥାଏ। ଜୀବମଣ୍ଡଳର ମୋଟେଇ ପତଳା କିନ୍ତୁ ବହୁତ ଜଟିଳ ହୋଇଥାଏ। କୌଣସି ପ୍ରକାରର ଜୀବନ କେବଳ ଏଇ ସ୍ତରରେ ହିଁ ସମ୍ଭବ। ସେଥିପାଇଁ ଏହା ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ।

ସୁମିତ: ସାର୍, ପୃଥିବୀର ଜଳବାୟୁ ତନ୍ତ୍ରକୁ ପ୍ରଭାବିତ କରୁଥିବା କାରକ ବିଷୟରେ ଆମେ ଏବେ ପ୍ରାୟ ଜାଣିଲେଣି। କିନ୍ତୁ ମୁଁ ଏବେ ବି ସ୍ପଷ୍ଟ ଭାବରେ ବୁଝିପାରୁନାହିଁ ଯେ ଏସବୁ କାରକ ପୃଥିବୀର ଜଳବାୟୁ ପରିବର୍ତ୍ତନ ପାଇଁ କିଭଳି ଦାୟୀ...

ମନିଷା: ଚାଲ ଏବେ ଘର ଭିତରକୁ ଯିବା, ଏଠି ବହୁତ ଖରା ହେଲାଣି।

ରାଜୀବ: ଠିକ ଅଛି, ଘରକୁ ଯିବା। ମୁଁ ତମମାନଙ୍କୁ କହିବାକୁ ଚାହୁଁଥିଲି ଯେ ପୃଥିବୀରେ ଜଳବାୟୁକୁ ପ୍ରଭାବିତ କରିବା ପାଇଁ ପ୍ରାୟ ସବୁ ଶକ୍ତି ସୂର୍ଯ୍ୟରୁ ହିଁ ଆସେ। ଏ ଶକ୍ତି ମହାଶୂନ୍ୟ ଦେଇ ଆସେ ଆଉ ପୃଥିବୀର ବାୟୁମଣ୍ଡଳରେ ଧକ୍କା ଖାଏ। ଏଥିରୁ ମାତ୍ର ଶତକଡ଼ା ୪୦ ଭାଗ ଆମ ପାଖରେ ପହଞ୍ଚେ। ବାକି ବାୟୁମଣ୍ଡଳ ଦ୍ୱାରା ପ୍ରତିଫଳିତ ବା ଅବଶୋଷିତ ହୋଇଯାଏ।

(ସମସ୍ତେ ଘର ଭିତରେ)

ସରଳା: ଆରେ ସମସ୍ତେ ଆସିଗଲ ... ମୁଁ ତମମାନଙ୍କୁ ଖୋଜିବାକୁ ଆସିଥିଲି, ତମେମାନେ ତ ଘର ସାମନାରେ ନ ଥିଲ।

ରାଜୀବ: କଥା ହେଉ ହେଉ ଆମେ ପାର୍କକୁ ଚାଲିଯାଇଥିଲୁ।

ସରଳା: ଆପଣଙ୍କ କଥା ସରିଗଲା? ପିଲାମାନେ ତମେମାନେ କିଛି ବୁଝିଲ?

ସୁମିତ: ହଁ ମା, ବହୁତ କିଛି ବୁଝିପାରିଲୁ। କିନ୍ତୁ ଏବେ ଆହୁରି କିଛି ବୁଝିବା ବାକି ଅଛି...

ସରୋଜ: ଆରେ ପିଲାମାନେ, କେମିତି ଅଛ?

ସୁମିତ/ମନିଷା: ନମସ୍କାର ମଉସା।

ସରଳା: ଆସନ୍ତୁ ସାର୍, ବସନ୍ତୁ।

ସରୋଜ: କଥା କ'ଣ ସରଳା। ରବିବାର ଭଳି ଦିନରେ ତମେ କାହିଁକି ମତେ ଘରକୁ ଡାକିଲ?

ସରଳା: ସାର୍, ପିଲାମାନଙ୍କ ପାଇଁ... ବାସ୍ତବରେ ଏମାନେ ପୃଥିବୀ ଆଉ ଏହାର ପ୍ରସ୍ତରମଣ୍ଡଳ, ଜଳମଣ୍ଡଳ, ହିମମଣ୍ଡଳ, ବାୟୁମଣ୍ଡଳ ଭଳି କାରକ ବିଷୟରେ ପଢୁଛନ୍ତି। କିନ୍ତୁ ତାଙ୍କ ମନରେ ଏତେ ପ୍ରଶ୍ନ ଯାହାର ଉତ୍ତର ମୁଁ ଦେଇପାରୁନାହିଁ। ସେଥିପାଇଁ ମୁଁ ରାଜୀବ ସାର୍‌ଙ୍କୁ ଡାକିଥିଲି। ଏ ହେଉଛନ୍ତି ସୁମିତ ଆଉ ମନିଷାର ବିଜ୍ଞାନ ଶିକ୍ଷକ।

ସରୋଜ: ଆପଣଙ୍କୁ ଭେଟି ବହୁତ ଖୁସି ଲାଗୁଛି।

ରାଜୀବ: ମୁଁ ବି ବହୁତ ଖୁସି ସାର୍। ମୁଁ ପିଲାମାନଙ୍କୁ ପୃଥିବୀ ସହିତ ତା ଜଳବାୟୁ ପାଇଁ ଦାୟୀ କାରକ ବିଷୟରେ କହିବାକୁ ଚେଷ୍ଟା କରିଥିଲି, କିନ୍ତୁ ଏସବୁ କେମିତି ହୁଏ ସେ ବିଷୟରେ ଆଲୋଚନା ବାକି ଅଛି।

ସରୋଜ: ଏକଥା ବୁଝିବା ପାଇଁ ପିଲାଏ ଯାଅ କାଗଜ ଆଉ କଲମ ନେଇ ଆସ। କେତେଗୁଡ଼ିଏ କଥା ମନରେ ରଖିବାକୁ ହେବ। ସେଥିପାଇଁ ଜରୁରୀ ହେଉଛି ଏସବୁ ତମେ ଲେଖି ରଖ, ପରେ ଆଉ ଥରେ ପଢ଼ିଦେବ। ସବା ପ୍ରଥମେ ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜାଣିଛ କି ଯେ ଯେଉଁସବୁ କାରକ ବିଷୟରେ ତମେମାନେ କଥା ହେଉଥିଲ, ସେମାନେ ନିଜ ନିଜ ଭିତରେ କଥା ହୁଅନ୍ତି।

ପରସ୍ପରକୁ ଜାଣିଛନ୍ତି। ବୁଝିଛନ୍ତି... ଏକା ସାଙ୍ଗରେ ହସନ୍ତି ଆଉ କାନ୍ଦନ୍ତି... ଯୁକ୍ତି କରନ୍ତି ଆଉ ନିଜର ଅସ୍ତିତ୍ୱକୁ ଉପଭୋଗ କରନ୍ତି। ଯେତେବେଳେ ଏମାନେ ସମସ୍ତେ ଏକାସାଙ୍ଗରେ ହସନ୍ତି, ଆମେ ସୁନ୍ଦର ଜଳବାୟୁ ଅନୁଭବ କରେ। ଆଉ ଯେତେବେଳେ ଝଗଡ଼ା କରନ୍ତି, ଯୁକ୍ତି କରନ୍ତି, ସେତେବେଳେ ଖରାପ ଜଳବାୟୁ ପରିସ୍ଥିତି ଆସିଥାଏ।

ମନିଷା: ଆପଣ ଥଟ୍ଟା କରୁଛନ୍ତି ମଉସା...

ସରୋଜ: ମୋଟେ ନୁହେଁ... ମୁଁ ପୂରା ସିରିଅସ୍...ବୁଦ୍ଧ କହିଥିଲେ, ସବୁକିଛି ବୋହି ଚାଲିଥାଏ ଆଉ ସବୁ କିଛି ପୁଣି ଥରେ ଫେରିଆସେ। ସେହିଭଳି ଜଳବାୟୁକୁ ପ୍ରଭାବିତ କଲାବାଲା କାରକ ପରସ୍ପର ସହିତ ଚାଲନ୍ତି। ଜଳମଣ୍ଡଳ ଅର୍ଥାତ ସମୁଦ୍ରରୁ ବାଷ୍ପୀକରଣ ହୁଏ। ଯେଉଁ ପାଣି ବାଷ୍ପ ହୁଏ ତାକୁ ପୃଥିବୀ ବାୟୁମଣ୍ଡଳ ସହ ଯୋଡିଦିଏ। ପୁଣି ଘନତ୍ୱ ବାଷ୍ପକୁ ପାଣିରେ ବଦଳାଇଦିଏ। ଏ ପୁଣି ବରଫ ସହିତ ବର୍ଷା, କୁଆପଥର ଆଉ କାକର ରୂପରେ ତଳକୁ ପଡ଼େ। ବର୍ଷା ମାଟି ଉପରେ ପଡ଼େ ତାହା ମାଟି ତଳକୁ ଯାଏ ଓ ଶେଷରେ ସମୁଦ୍ରକୁ ଫେରିଯାଏ। ପାଣି ପୁଣି ବର୍ଷା ରୂପରେ ମାଟିକୁ ପ୍ରଭାବିତ କରେ ଅର୍ଥାତ ପ୍ରସ୍ତରମଣ୍ଡଳ। ସୁମିତ, ତମେ ମୋ ପାଇଁ ଗୋଟିଏ ଜାଗାରେ ବାହାରୁ କିଛି ମାଟି ଆଣିଦେଲ...

ସୁମିତ: ଯାଉଛି ମଉସା, ଏବେ ଆଣି ଦଉଛି।

(ସୁମିତ ଦୌଡ଼ି ଯାଉଛି ଆଉ ମାଟି ନେଇ ଫେରୁଛି)

ସୁମିତ: ଏଇ ନିଅନ୍ତୁ ମଉସା... ଏତିକି ମାଟି ହେଇ ଯିବ ତ?

ରାଜୀବ: ବହୁତ ହେବ...

ସରୋଜ: ଏବେ ମନ ଦେଇ ଶୁଣ। ଆଉ ଯଦି ଭାବିବ, ତାହେଲେ କାଗଜରେ ଲେଖି ରଖ। ଏଇ ମାଟିରେ ସବୁ କାରକ ରହିଛି। ମାଟିରେ ପ୍ରସ୍ତରମଣ୍ଡଳରୁ ଖଣିଜ ପଦାର୍ଥ ରହିଛି। ମାଟିରେ ଆର୍ଦ୍ରତା ରୂପରେ ଜଳମଣ୍ଡଳ ରହିଛି। ପୋକଯୋକ ରୂପରେ ଜୀବମଣ୍ଡଳ ବି ରହିଲା। ମାଟି କଣିକା ଭିତରେ ବାୟୁ ରହିଛି, ତେଣୁ

ବାୟୁମଣ୍ଡଳ ବି ଅଛି। ଆଉ ଆମେ ଜାଣିଛେ ଏଇ ପୂରା ତନ୍ତ୍ର ପୃଥିବୀରେ ଜୀବନ ସୃଷ୍ଟି କରେ।

ସରଳା: ବହୁତ ବଢ଼ିଆ ଭାବରେ ଆପଣ ବୁଝେଇ ଦେଲେ ସାର୍... ପିଲାମାନେ ତମେ ବୁଝିପାରିଲ?

ରାଜୀବ: ଏକଥା ବି ବୁଝିବା ଦରକାର ଯେ କାରକଗୁଡ଼ିକ ହେଉଛନ୍ତି ଗଠନ ଆଉ କାର୍ଯ୍ୟକାରିତାରେ ବହୁମୁଖୀ। କେବଳ ଜୀବମଣ୍ଡଳ କ୍ଷେତ୍ରରେ ଏହା ଜୀବନ୍ତ ମାନଙ୍କୁ ନେଇ ଗଢ଼ା ଯେମିତି ଉଭିଦ, ଜୀବଜନ୍ତୁ ଏବଂ ଏକକୋଷୀ ଜୀବ ଯେପରି...

ସରୋଜ: ଗ୍ରହର ଅଧିକାଂଶ ସ୍ଥଳଚର ଜୀବ ଗୋଟିଏ ଅଞ୍ଚଳରେ ଦେଖାଯାଆନ୍ତି... ମାଟିରୁ ତିନି ମିଟର ତଳୁ ଆରମ୍ଭ କରି ଉପରକୁ ୩୦ ମିଟର ଯାଏଁ। ଜଳଚର ଜୀବ ମହାସାଗର ଏବଂ ସମୁଦ୍ରର ତଳେ ପ୍ରାୟ ୨୦୦ ମିଟର ଗଭୀର ଯାଏଁ ମିଳିଥାନ୍ତି।

ରାଜୀବ: କିନ୍ତୁ କିଛି ପ୍ରାଣୀ ଏହି ଅଞ୍ଚଳ ବାହାରେ ଯେକୌଣସି ଜାଗାରେ ବି ରହିପାରିବେ। କିଛି ପକ୍ଷୀ ପୃଥିବୀଠାରୁ ୮ କିଲୋମିଟର ଉପରେ ଉଡ଼ିବାର ଦେଖାଯାଏ। ସମୁଦ୍ରରେ ବି କିଛି ମାଛ ୮ କିଲୋମିଟର ଗଭୀରତାରେ ମିଳେ। ଅଣୁଜୀବ ତ ଏଠାରୁ ବି ଅଧିକ ଗଭୀରତାରେ ବେଶ୍ ଆରାମରେ ରହିପାରେ। ଠିକ କହିଲି ନା ସରୋଜ ସାର୍।

ସରୋଜ: ପୂରା ଠିକ କହିଲ। ମତେ ଗୋଟିଏ ଗ୍ଲାସ ପାଣି ମିଳିପାରିବ?

ସରଳା: ନିଶ୍ଚୟ, ମୁଁ ନେଇ ଆସୁଛି।

ମନିଷା: ମା ତମେ ବସ। ମୁଁ ଆଣୁଛି। କିନ୍ତୁ ମୁଁ ନ ଆସିବା ଯାଏଁ ଆପଣମାନେ କିଛି ବି ଆଲୋଚନା କରିବେନାହିଁ।

ସରଳା: ହଁ ହଁ ଆମେ ତତେ ଅପେକ୍ଷା କରିବୁ। ଯା ଜଲ୍ଦି ପାଣି ନେଇ ଆସିବୁ। (ସମସ୍ତେ ହସୁଛନ୍ତି)

ମନିଷା: ଏଇ ନିଅ, ସମସ୍ତଙ୍କ ପାଇଁ ପାଣି ନେଇ ଆସିଲି। (ସମସ୍ତେ ପାଣି ପିଉଛନ୍ତି)

ମନିଷା: ଆମେ କେଉଁଠି ଥିଲେ?

ରାଜୀବ: ଆମେ ଏଇଠି ଥିଲେ ମନିଷା (ହସି ହସି) ଆମେ ଜଳବାୟୁ ପରିବର୍ତ୍ତନ ଉପରେ ଆଲୋଚନା କରୁଥିଲେ। ମାଟିର ଉର୍ବରତା କମିବାର କାରଣ ହେଉଛି ଜଙ୍ଗଲ କାଟ ହେବା। ସେଥିପାଇଁ ଜଳବାୟୁ ପରିବର୍ତ୍ତନ ପାଇଁ ଏହା ବଡ଼ ଚିନ୍ତାର କାରଣ। ଖାଲି ଏତିକି ନୁହେଁ, ଜୋର ବର୍ଷା ଯୋଗୁ ମୃତ୍ତିକା କ୍ଷୟ ହେଉଛି, ଶୁଖିଲା ଋତୁରେ ମାଟି ଶୁଖିଯାଏ। ତା ପରେ ଜୋର ପବନ ଯୋଗୁ ମାଟିର ବହୁତ କ୍ଷତି ହୋଇଥାଏ। ଏସବୁ କାରଣରୁ ପୃଥିବୀର ତାପମାତ୍ରା ବଢୁଛି। ଫଳରେ ବରଫ ତରଳୁଛି। ଏସମସ୍ତ କାରଣରୁ ସମୁଦ୍ର ପତନ ବଢୁଛି। ଏହି ପାଣି ବାଷ୍ପିଭୂତ ହୋଇ ଯାଏ ଓ ବର୍ଷା ରୂପରେ ପୁଣି ଥରେ ପୃଥିବୀକୁ ଫେରିଆସେ। ଆଉ ଏହିଭଳି ବନ୍ୟା ଆଉ ସୁନାମୀ ଆସେ।

ସୁମିତ: ହେ ଭଗବାନ... ଏ ସବୁ ଜିନିଷ ପରସ୍ପର ସହ ଯୋଡ଼ା।

ସରୋଜ: ହଁ ସୁମିତ। ଆହୁରି ପୁଣି, ମୃତ୍ତିକାକ୍ଷୟ ବୃକ୍ଷରୋପଣକୁ ବାଧା ଦିଏ। ବାସ୍ତବରେ ଗଛ ହିଁ ବାୟୁମଣ୍ଡଳ ବା ଆମ ଜୀବନ ପାଇଁ ଅମ୍ଳଜାନର ମୂଳ ସ୍ରୋତ। ବାୟୁମଣ୍ଡଳରେ ଥିବା ଅବାଞ୍ଛିତ ବାଷ୍ପ ଏବଂ କଣିକାକୁ ବି ଏହା ପରିଷ୍କାର କରିଥାଏ। ଗଛ ନ ରହିଲେ ଅମ୍ଳଜାନ ଏବଂ ଅଙ୍ଗାରକାମ୍ଳ ବାଷ୍ପର ସନ୍ତୁଳନ ବିଗିଡ଼ିଯିବ, ଏହା ଜୀବମଣ୍ଡଳର ସମସ୍ତଙ୍କ ପାଇଁ ବହୁତ ବିପଦଜନକ।

ରାଜୀବ: ଜୀବମଣ୍ଡଳରେ ପରିବର୍ତ୍ତନ ଚାଲିଥାଏ। କିଛି ପ୍ରଜାତି ଅଧିକ ଉପଯୁକ୍ତ ପରିସ୍ଥିତିର ସନ୍ଧାନରେ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଯାଉଥାନ୍ତି। ଆଉ କିଛି ଜୀବଙ୍କର ଶରୀରର ଆକାର ବଦଳେ। କେତେ ପ୍ରଜାତି ବିଲୁପ୍ତ ହୋଇଯାଆନ୍ତି...

ସରଳା: ଏବେ ଯାଏଁ ହୋଇଥିବା ଆଲୋଚନାରୁ ମୁଁ ବୁଝିଲି ଯେ ଜଳବାୟୁ ତନ୍ତ୍ର ସମୟ ସହିତ ନିଜର ପାରସ୍ପରିକ ଗତିଶୀଳତା ସହିତ କୃଷି. ସହରୀକରଣ,

ଉଦ୍ୟୋଗୀକରଣ ଆଦି ପାଇଁ ଆମେ ଯେତେ ଯେତେ ମାଟିକୁ ସଫା କରୁଛେ, ଏବଂ ଆଗ୍ନେୟଗିରି ଉଦ୍‌ଗୀରଣ, ସୌର ବିବିଧତା ଏବଂ ଆମର କ୍ରିୟାକଳାପ ଆଦି ଯୋଗୁ ବାୟୁମଣ୍ଡଳର ଗଠନ ବଦଳିଯାଏ। ତାମାନେ କ'ଣ ବୁଝିବା ଯେ ଅଧିକାଂଶ ଜଳବାୟୁ ପରିବର୍ତ୍ତନ ମାନବକୃତ... ମୋର କହିବା ଅର୍ଥ ହେଉଛି ଜଳବାୟୁ ପରିବର୍ତ୍ତନ ପାଇଁ କ'ଣ ଆମେ ସେତିକି ପରିମାଣରେ ଦାୟୀ ନୁହେଁ?

ସରୋଜ: ଠିକ କହିଛନ୍ତି ଆପଣ। ବରଫ ଚଟାଣ ଆପେ ଆପେ ତରଳୁନାହିଁ। କୌଣସି ସମୁଦ୍ର ବା ନଦୀର ପତନ ଆପେ ଆପେ ବଢୁନାହିଁ। ଏସବୁ ହେଉଛି କାରଣ ଆମେ କଂକ୍ରିଟ କୋଠା ଗଢଞ୍ଜିବା ପାଇଁ ଲଗାତର ଗଛ କାଟି ଚାଲିଛୁ।

ରାଜୀବ: ମୁଁ କାଲି ହିଁ କେଉଁଠି ପଢ଼ିଥିଲି ଯେ ୨୦୧୫ ମସିହା ସୁଦ୍ଧା ବାଙ୍ଗାଲୋର ସହରର ଶତକଡ଼ା ୯୫ ଭାଗ କଂକ୍ରିଟ ହୋଇଯାଇଥିବ। ଏହାର ଅନେକ କାରଣ ହୋଇପାରେ ଯେମିତିକି ବାଙ୍ଗାଲୋରରେ ହ୍ରଦ ଶୁଖିଯାଉଛି ଆଉ କୋଠା ତିଆରି କରିବା ପାଇଁ ସବୁଜତାକୁ ନଷ୍ଟ କରିଦିଆଯାଉଛି।

ସରୋଜ: ବହୁତ ବଢ଼ିଆ ଉଦାହରଣ ଦେଲେ ଆପଣ ରାଜୀବ ସାର୍। ବାୟୁ ଆପେ ଆପେ ପ୍ରଦୂଷିତ ହେଉନାହିଁ। ଆମେ ନିଜ କ୍ରିୟାକଳାପ ଯୋଗୁ ଚକ୍ରକୁ ଅସୁବିଧାରେ ପକାଉଛେ। ଆମ ସମୟର ସବୁଠାରୁ ବଡ଼ ଆହ୍ୱାନ ହେଉଛି ଜଳବାୟୁ ପରିବର୍ତ୍ତନ। ଏକଥା ସତ ଯେ ଆମ ଗ୍ରହ ନିରନ୍ତର ଉତ୍ତପ୍ତ ହେଉଛି। ବର୍ତ୍ତମାନର ଏହା ବାସ୍ତବିକତା। ଆଉ ଭବିଷ୍ୟତ ପାଇଁ ସମ୍ଭାବ୍ୟ ବିପଦ।

ସୁମିତ: ତା ମାନେ ମୋ ସ୍ୱପ୍ନ ସତ ହେବ।

ସରୋଜ: ସ୍ୱପ୍ନ...କୋଉ ସ୍ୱପ୍ନ? ପ୍ରଥମେ ବାସ୍ତବିକତାକୁ ଠିକରେ ବୁଝିନିଅ । ଗତ ୧୦୦ ବର୍ଷରେ ଭାରତର ହାରାହାରି ତାପମାତ୍ରା ୧.୧ ଡିଗ୍ରୀ ବଢ଼ିଯାଇଛି। ବର୍ଷାଦିନ ଛାଡ଼ିଦେଲେ, ଅନ୍ୟ ତିନି ଋତୁରେ ତାପମାତ୍ରା ବୃଦ୍ଧି ପ୍ୟାରିସ ଚୁକ୍ତି ଦ୍ୱାରା ନିର୍ଦ୍ଧାରିତ ୧.୫ ଡିଗ୍ରୀ ସେଲସିଅସର ଲକ୍ଷ୍ୟ ପାର୍ କରିସାରିଛି । ନିକଟରେ ହୋଇଥିବା ଗବେଷଣା ଅନୁସାରେ, ଜଳବାୟୁ ପରିବର୍ତ୍ତନ ଯୋଗୁ ସବୁଠାରୁ

ଅଧିକ କ୍ଷତି ଘଟୁଥିବା ଦେଶମାନଙ୍କ ଭିତରେ ଶୀର୍ଷ ଦେଶମାନଙ୍କ ଭିତରେ ଭାରତ ଗୋଟିଏ। ଜଳବାୟୁ ପରିବର୍ତ୍ତନ ଯୋଗୁ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଥିବା ଦେଶମାନଙ୍କ ତାଲିକାରେ ଆମେରିକା, ଭାରତ ଆଉ ସାଉଦି ଆରବ ସବୁଠାରୁ ଉପରେ ରହିଛି।

ସରଳା: ବହୁତ ଦୁଃଖର କଥା...

ରାଜୀବ: ପରିସ୍ଥିତି ଆଗ ଅପେକ୍ଷା ବହୁତ ଖରାପ ଏଥିରେ କୌଣସି ସନ୍ଦେହ ନାହିଁ। ସବୁ ଜାଗାରେ ଜଳବାୟୁ ପରିବର୍ତ୍ତନ ଦେଖାଯାଉଛି, ସେ ବାୟୁମଣ୍ଡଳ ହେଉ ବା ଜଳମଣ୍ଡଳ ହେଉ କିମ୍ବା ଜୀବମଣ୍ଡଳ, ହିମମଣ୍ଡଳ ବା ପ୍ରସ୍ତରମଣ୍ଡଳ ହେଉ କିମ୍ବା ଆଉ କିଛି...ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବ ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହେବା ଦେଶମାନଙ୍କ ତାଲିକାରେ ଭାରତ ସବୁଠାରୁ ଆଗରେ । କିନ୍ତୁ ଯଦି ତମେ ଏକଥା ଠିକରେ ବୁଝୁଛ ଆଉ ନିଜର ଦୈନନ୍ଦିନ ଚଳଣି ସୁଧାରିପାରିବ, ତାହେଲେ ଯେଉଁ କାରକମାନଙ୍କ ବିଷୟରେ ଆମେ କଥା ହେଲେ ତାକୁ ନିୟନ୍ତ୍ରଣ କରିହେବ।

ମନିଷା: ସାର୍, ତା ମାନେ ଆପଣ କହିବାକୁ ଚାହୁଁଛନ୍ତି ଯେ ଏବେ ବି ଡେରି ହୋଇନାହିଁ। ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିବ...

ସରୋଜ: ନିଶ୍ଚୟ.. ଆମକୁ ସବୁବେଳେ ଭଲ ଚିନ୍ତା କରିବା ଉଚିତ ଆଉ ଏଥିପାଇଁ ପୂରା ଚେଷ୍ଟା କରିବା ଦରକାର। ପରିବେଶ ବିଜ୍ଞାନୀ ହୋଇଥିବାରୁ ମୁଁ ସବୁବେଳେ ବ୍ୟାବହାରିକ ବିକଳ୍ପ ଖୋଜିବାରେ ଲାଗିଥାଏ। ଆଉ ମୋର ବିଶ୍ୱାସ ଯେ ଆମେ ଆସନ୍ତା ପିଢ଼ିକୁ ଅର୍ଥାତ ଆମ ପିଲାମାନଙ୍କୁ ଏସବୁ ଦେଇପାରିବା ଯାହା ଆମେ ଆମ ଜୀବନକାଳ ଭିତରେ ଦେଖିଛେ।

ସୁମିତ/ମନିଷା: ହୁର୍‌ରେ...

ସରଳା: ଯାହାହେଉ ପିଲାମାନେ ଅନ୍ତତଃ ହସିଲେ... ଖୁସି ହୋଇଗଲେ... କାଲିଠୁ ଏତେ ବ୍ୟସ୍ତ ହେଉଥିଲେ ମୁଁ ତ ଡରିଯାଇଥିଲି । କିନ୍ତୁ ଏବେ ମନେହେଉଛି

ଏମାନେ ଅନେକ କଥା ବୁଝିପାରିଛନ୍ତି। ଆଉ ଏବେ ଏମାନେ ଜାଣିଲେଣି ଯେ ପୃଥିବୀକୁ ରକ୍ଷା କରିବା ପାଇଁ କ'ଣ କରିବେ ଆଉ କ'ଣ କରିବେନାହିଁ।

ରାଜୀବ: ଏବେ ଏମାନେ ନିଜ ବୟସଠାରୁ ଅଧିକ ଜାଣିଛନ୍ତି। (ସମସ୍ତେ ହସୁଛନ୍ତି)

ସରୋଜ: ଏବେ ମୁଁ ଆସୁଛି। ଆପଣମାନଙ୍କ ସହ କଥା ହୋଇ ବହୁତ ଭଲ ଲାଗିଲା। ବିଶେଷ କରି ପିଲାମାନଙ୍କ ସହ। ପୁଣି ଥରେ ଶିଘ୍ର ଦେଖା ହେବ। ମନରେ ଯଦି କିଛି ପ୍ରଶ୍ନ ଥିବ ଆଲୋଚନା କରିବା।

ସୁମିତ/ମନିଷା: ବହୁତ ବହୁତ ଧନ୍ୟବାଦ ସାର୍ ଆଉ ମଉସା ଆପଣଙ୍କୁ ବି। ଆପଣ ଦୁହେଁ ଆମକୁ ବହୁତ ସାହାଯ୍ୟ କରିଛନ୍ତି।

ସରଳା: ଚାଲ ପିଲାମାନେ ଏବେ ଖାଇବା। ଖାଇସାରି ଯାହା ବୁଝିଲ ତାକୁ ଲେଖିରଖ, ତାହେଲେ ଭଲଭାବରେ ବୁଝିପାରିବ।